**ସାହାରପଡ଼ା ଫାଣ୍ଡି ଅଧିକାରୀଙ୍କ ବାମେବାରିକୁ ବଦଳି**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦାଙ୍କ ବୁଧବାର ବାମେବାରୀ ଥାନାକୁ ବଦଳି ହୋଇଛି। ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ( ଚିଠି ନ. ୬୪/୨୪)ରେ ନିର୍ଦ୍ଦେଶ ଜାରି ହୋଇଛି।

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା

ଭଦ୍ରକ,୨୪।୧(ସନାତନ ରାଉତ)- ଭଦ୍ରକ ସର୍ବୋଦୟ ମଣ୍ଡଳ ପକ୍ଷରୁ ବାରିକପୁର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତମାଖୁ, ଗୁଟୁଖା, ମଦ ଭଳି ନିଶାଠାରୁ ଦୂରେଇ ରହିବାକୁ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଥିବା ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଭଦ୍ରକ କ୍ରାଇମ ଡିଏସ୍‌ପି ପୁଷ୍ପଲତା ବାରିକ ଯୋଗଦେଇ କୋଟପା ଆଇନ ବିଷୟରେ ଆଲୋକପାତ କରିଥିଲେ। ମଣ୍ଡଳର ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ, କର୍ମକର୍ତ୍ତା ଦେବୀକିଙ୍କର ପାଣିଗ୍ରାହୀ ନିଶାର କୁପ୍ରଭାବ ବିଷୟରେ ବୁଝାଇଥିଲେ। ଅଧ୍ୟାପକ ମଧୁସୂଦନ ଦୀକ୍ଷିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅନନ୍ତ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

### ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

ଖୁଣ୍ଟା,୨୪।୧(ଦେବରଞ୍ଜନ ବେହେରା- ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ.ପୁଷ୍ପା ପାତ୍ର, ମୁଖ୍ୟବକ୍ତା ଡ.ଅସୀମା ସାହୁ, ସ୍ୱତନ୍ତ୍ର ଅତିଥିଭାବେ ଖୁଣ୍ଟା ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ସମ୍ମାନୀତ ଅତିଥିଭାବେ ଡ. ଅଶ୍ୱିନୀ କୁମାର ସାହୁ, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପିକା ହିରଣ୍ମୟୀ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଜଗନ୍ନାଥ ସଂସ୍କୃତି ଓ ଏହାର ମହତ୍ତ୍ୱ ସହ ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ତପନ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଡ.ମଧୁସ୍ମିତା ପାଇନ ଧନ୍ୟବାଦ ଦେଇଥିଲେ।

### ଅରୁଣ ପଣ୍ଡାଙ୍କ ବିୟୋଗରେ ଶୋକ

ବଡ଼ବିଲ,୨୪।୧(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ତଥା ରାଜ୍ୟର ବରିଷ୍ଠ ଖବରଦାତା, ସୁ-ସାହିତ୍ୟିକ, ସ୍ତମ୍ଭକାର ଅରୁଣ ପଣ୍ଡାଙ୍କ ବିୟୋଗରେ ବଡ଼ବିଲ ପ୍ରେସ୍ କ୍ଲବ୍ ପକ୍ଷରୁ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ଗୃହରେ ଅନୁଷ୍ଠିତ ସଭାରେ ସଭାପତି ସୁବୋଧ ଦାସ, ସମ୍ପାଦକ ମଧୁସୂଦନ ସାହୁ, ଶାନ୍ତନୁ ଦାସ ଓ ସଦସ୍ୟମାନେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରି ସ୍ମୃତିଚାରଣ କରିଥିଲେ।

# ମଣ୍ଡିରେ ଭିଜୁଛି ଧାନ

ଭଦ୍ରକ,୨୪।୧(ସନାତନ ରାଉତ)


ମଣ୍ଡିରେ ପଡ଼ିଥିବା ଧାନ।

**ନିୟମିତ ଭାବେ ଉଠୁନି ଧାନ**

ଭଦ୍ରକ ଜିଲାରେ ମିଲରଙ୍କ ମନମାନୀ ଯୋଗୁ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଧାନକିଣା ଚାଲିଥିବା ବେଳେ ନିୟମିତ ଭାବେ ମିଲରମାନେ ଗାଡ଼ି ପଠାଉ ନ ଥିବାରୁ ଧାନ ପଡ଼ି ରହୁଛି। ଗତବର୍ଷ ମିଲ୍‌ରେ କଟ୍‌ନୀ ଛଟ୍‌ନୀ ପାଇଁ ଚାଷୀ ଅସନ୍ତୋଷ ଦେଖାଦେଇଥିବାରୁ ଚଳିତ ବର୍ଷ ମିଲ୍ ପରିବର୍ତ୍ତେ ମଣ୍ଡିରେ ଧାନବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲାରେ ସମବାୟ ସମିତି ଓ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀକୁ ମିଶାଇ ୧୫୯ଟ୍‌ଟି ମଣ୍ଡି ଧାନକିଣା ପାଇଁ ଖୋଲାଯାଇଛି। ପ୍ରତ୍ୟେକ ଦିନ ମଣ୍ଡିରେ ୬୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣାଯାଉଥିବା ବେଳେ ୩ ହଜାର କୁଇଣ୍ଟାଲ ପର୍ଯ୍ୟନ୍ତ ମହଜୁଦ ରଖିବାକୁ ବ୍ୟବସ୍ଥା ହୋଇଛି। ଯାହାଫଳରେ ୪/୫ ଦିନରେ ମଣ୍ଡି ଜାମ ହୋଇଯାଉଛି। ମଣ୍ଡିରେ ଧାନ ପଡ଼ି ରହୁଥିବାରୁ ଧାନକିଣାରେ ମଧ୍ୟ ବିଳମ୍ବ ଦେଖାଯାଉଛି। ଧାନକିଣା ପାଇଁ ଟ୍ୟାଗ୍ ହୋଇଥିବା ମିଲରମାନଙ୍କୁ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ପାଇଁ ଜିଲା ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ଏଥିପ୍ରତି ସେମାନେ କର୍ଣ୍ଣପାତ ନ କରୁଥିବା ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି। ଜିଲା ବାହାରୁ ଅଧିକ ୨୫ ମିଲରଙ୍କୁ ସାମିଲ କରିବା ପାଇଁ ପ୍ରକ୍ରିୟା ଚାଲିଛି ବୋଲି କହିଛନ୍ତି। ଅପରପକ୍ଷେ ଅଦିନିଆ ବର୍ଷା ଲାଗି ରହିଥିବାରୁ ମଣ୍ଡିରେ ଏବଂ ଚାଷୀଙ୍କ ଖଳାରେ ଟ୍ରକ ଟ୍ରକ ଧାନ ଭିଜୁଛି। ସରକାରୀ ଦରରେ ଧାନ ବିକିବା ପାଇଁ ଚାଷୀମାନେ ଅପେକ୍ଷା କରି ରହିଥିବା ବେଳେ ବର୍ଷାରେ ଧାନକୁ ସୁରକ୍ଷିତ ରଖିବା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

# ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ବାରିପଦା,୨୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମୟୂରଭଞ୍ଜ ଇଉନାଇଟେଡ ସ୍ପୋର୍ଟ୍ସ କାଲଚରଲ ଆଣ୍ଡ ଆର୍ଟ ଆସୋସିଏସନ (ମୁସ୍କାନ) ଆନୁକୁଲ୍ୟରେ ବାରିପଦା କଲେଜ ପଡ଼ିଆରେ ଦୁଇ ଦିନିଆ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଗ୍ରାମାଞ୍ଚଳ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମଧୁପୁରା ଦଳ ୫ମ ବାଟାଲିଅନ ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳକୁ ମୁଖ୍ୟ ଅତିଥି ଭାବେ ସହକାରୀ କମାଣ୍ଡାଣ୍ଟ ବିଜୟ କୁମାର ମୁର୍ମୁ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜୟନ୍ତୀ ଦଲାଇ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ଦିନ ଜାତୀୟ ପ୍ରତିଯୋଗିତାର ଉତ୍ତର ପ୍ରଦେଶର ରାଇଜିଙ୍ଗ କ୍ଲବ, ଦିଲ୍ଲୀର ସେନଚୁରିଆନ କ୍ଲବ, ଭଦ୍ରକର ସୂର୍ଯ୍ୟଶିଖା ଓ ଭୁବନେଶ୍ୱର କିଟ ସମେତ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସୂର୍ଯ୍ୟସିଖା ଭଦ୍ରକ ଦଳ ଭୁବନେଶ୍ୱର କିଟ୍ ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଜାତୀୟସ୍ତରୀୟ ରେଫେରୀ ରାଜେଶ ଦାସ ଓ କମଳାକାନ୍ତ ବେହେରା ଖେଳ ପରିଚାଳନା କରିଥିଲେ। ମୁସ୍କାନର ସଭାପତି ସୁକାନ୍ତ କୁମାର ଦେ, ସମ୍ପାଦକ ସପନ କୁମାର ପ୍ରଧାନ ତଥା ଆସୋସିଏସନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ହଟ୍ଟଗୋଳ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ବାତିଲ


ବୈଠକରେ ଉପସ୍ଥିତି ଜନ ପ୍ରତିନିଧି ଓ ଅଧିକାରୀମାନେ।

ବାହାନଗା, ୨୪।୧(ଅରୂପ କୁମାର ଦାସ)

**ବିରୋଧୀଙ୍କ ସହ ସ୍ୱର ମିଳାଇଲେ ଶାସକ ଦଳର ସଦସ୍ୟ**

ବାହାନଗା ବ୍ଲକ ସଭାଗୃହରେ ଅନୁଷ୍ଠିତ ୫ମ ପଞ୍ଚାୟତ ସମିତି ବୈଠକ ବୁଧବାର ପ୍ରବଳ ହଟ୍ଟଗୋଳ ଭିତରେ ବାତିଲ ହୋଇଛି। ପୂର୍ବାହ୍ନ ୧୦ଟା ବେଳେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ରଙ୍କ ପୌରୋହିତ୍ୟରେ ସଭାଗୃହରେ ବୈଠକ ଆରମ୍ଭ ହୋଇଥିଲା। ସଭାରେ ପଞ୍ଚାୟତ ସମିତି ବ୍ଲକ ଉପାଧ୍ୟକ୍ଷ ବାସନ୍ତୀ ପତି, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାହୁ, ଏମ୍‌ପିଙ୍କ ବାହାନଗା ପ୍ରତିନିଧି ବୈରାଗୀ ଚରଣ ବେହେରା, ନୀଳଗିରି ବିଧାୟକଙ୍କ ବାହାନଗା ପ୍ରତିନିଧି ଭବାନୀ ଶଙ୍କର ଦାସ, ୧୮ ନମ୍ବର ଜିଲା ପରିଷଦ ସଭ୍ୟ ନିଳାମ୍ବର ମହାଳିକ, ୧୯ ନମ୍ବର ଜିଲା ପରିଷଦ ସଭ୍ୟ ବନପ୍ରଭା ଶିଅଳ, ୨୦ ନମ୍ବର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ଭାରପ୍ରାପ୍ତ ବିଡିଓ ରବୀନ୍ଦ୍ର କୁମାର ସେଠୀ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଜିପିଓ ଗୌରାଙ୍ଗ କାମିଲା ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାହାନଗା ସରପଞ୍ଚ ବ୍ରଜେନ୍ଦ୍ର ପଣ୍ଡା ବିଭିନ୍ନ ପ୍ରସଙ୍ଗ ଉଠାଇ ସଭା କାର୍ଯ୍ୟ ଆଗକୁ ବଢିବାକୁ ଦେଇ ନ ଥିଲେ। ସଭା ପାଇଁ ଏଜେଣ୍ଡା ବିନା ଆଲୋଚନାରେ ଆଗୁଆ ଗ୍ରହଣ କରାଯାଇଥିବା ସମିତି ବୈଠକ ଏକ ପ୍ରହସନ ବୋଲି ଯୁକ୍ତି ଦର୍ଶାଇଥିଲେ। ପରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ବୈଠକକୁ ବାତିଲ ପାଇଁ ଦାବି ଜଣାଇଥିଲେ। ଏପରିକି ବୈଠକ ବାତିଲ ପାଇଁ ବିରୋଧୀ ସଦସ୍ୟଙ୍କ ସମେତ କିଛି ଶାସକ ଦଳର ଅସନ୍ତୁଷ୍ଟ ସଦସ୍ୟ ଓ ସନ୍ତୁଷ୍ଟ ସଦସ୍ୟମାନେ ସଭାଗୃହ ପରିତ୍ୟାଗ କରି ବାହାରକୁ ଚାଲିଯାଇଥିଲେ। ବୁଝାଶୁଝା ପରେ ଜନପ୍ରତିନିଧି ସଭାଗୃହକୁ ଯାଇଥିଲେ। ହେଲେ ନିର୍ବାଚିତ ସରପଞ୍ଚ ସମିତିସଭ୍ୟଙ୍କ ତୀବ୍ର ବିରୋଧ ଯୋଗୁ କୌଣସି ଆଲୋଚନା ନ ହୋଇ ବୈଠକ ବାତିଲ କରାଯାଇଥିଲା। ବୈଠକରେ ୨୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବିରୋଧୀ ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଶାସକ ଦଳର ସରପଞ୍ଚ, ସମିତିସଭ୍ୟ ବୈଠକ ବାତିଲ ପାଇଁ ସ୍ୱର ମିଳାଇବା ଘଟଣା ବାହାନଗା ବ୍ଲକ ରାଜନୀତି ପୁଣି ଚର୍ଚ୍ଚାର ପରିଧିକୁ ଆସିଥିବା ଜଣାପଡ଼ିଛି।

# ହଳଦୀପଦା ମହୋତ୍ସବର ପଞ୍ଚମ ସନ୍ଧ୍ୟା
## ଜାତିପ୍ରୀତି ଜାଗ୍ରତ କରେ ମହୋତ୍ସବ

ରୂପସା, ୨୪।୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦା ମହୋତ୍ସବ କମିଟି ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କମିଟି ସଭାପତି ଅଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାଜପା ନେତା ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ବରିଷ୍ଠ ନେତା ଗୌରାଙ୍ଗ ଦାସ ଯୋଗଦେଇ ମହୋତ୍ସବ ଦେଶପ୍ରେମ, ଜାତିପ୍ରୀତି ଜାଗ୍ରତ କରେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସାହିତ୍ୟିକ କାଳିକିଙ୍କର ଦାସ, ଏମ୍‌ପି ପ୍ରତିନିଧି ଶୁଭେଶ ନାୟକ, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା, ଭାଜପା ନେତା ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ମହୋତ୍ସବ ଗ୍ରାମାଞ୍ଚଳର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ କରେ ବୋଲି କହିଥିଲେ। କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ। ଯୁବପ୍ରତିଭା ପ୍ରୀତମ ମଞ୍ଚ ସଂଯୋଜନା କରିଥିଲେ । ଶେଷରେ ନୃତ୍ୟ ଶିଳ୍ପୀମାନଙ୍କୁ ନେଇ ନୃତ୍ୟପ୍ରତିଯୋଗିତା ହୋଇଥିଲା ।

# ୫୦ ପ୍ରକଳ୍ପ ପ୍ରଦର୍ଶିତ

ଖଇରା, ୨୪।୧(ଉତ୍କଳବନ୍ଧୁ ପଣ୍ଡା)

**ଆଦର୍ଶ ଶିକ୍ଷାମନ୍ଦିରରେ ବିଜ୍ଞାନମେଳା**

ବାଲେଶ୍ୱର ଜିଲା ଅଧୀନ ଖଇରା ଆଦର୍ଶ ଶିକ୍ଷାମନ୍ଦିରରେ ମଙ୍ଗଳବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବିଦ୍ୟାଳୟର ମୁଖ୍ୟ ପ୍ରଭାତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଜୟନ୍ତ କୁମାର ସ ଓ ଭାସ୍କର ଚନ୍ଦ୍ର ପୃଷ୍ଟି ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ଶିକ୍ଷକ ପ୍ରହ୍ଲାଦ ରାଏ, ତପନ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ପ୍ରୀତିଲତା ପାଣିଗ୍ରାହୀ, ବିଚିତ୍ରା ଦାସ, ବିଦ୍ୟୁତପ୍ରଭା ହାତୀ, ରଶ୍ମିତା ମିଶ୍ର, ଶୁଭଶ୍ରୀ ରାଉତ ଓ ବାସନ୍ତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।


ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ତଦନ୍ତ ପାଇଁ କମିଟି ଗଠନ

କେନ୍ଦୁଝର,୨୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

**ବେଆଇନ ବାଲିଖନନ ପ୍ରସଙ୍ଗ**
**୪ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଜିଟିର ଆଦେଶ**

କେନ୍ଦୁଝର ଜିଲାର ଘଷିପୁରା ତହସିଲ ଦେଓଗାଁ ନିକଟସ୍ଥ କୁଶେଇ ନଦୀରେ ବେଆଇନ ବାଲିଖନନର ତଦନ୍ତ ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ, କୋଲକାତା ବେଞ୍ଚ ପକ୍ଷରୁ ଏକ କମିଟି ଗଠନ ହୋଇଛି। କମିଟି ତଦନ୍ତ କରି ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ଆଦେଶ କରାଯାଇଛି। ଗଠିତ କମିଟିରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପରିବେଶୀୟ ପ୍ରଭାବ ଆକଳନ କମିଟିର ବରିଷ୍ଠ ବୈଜ୍ଞାନିକ, ଜିଲାପାଳ କେନ୍ଦୁଝର ବା ତାଙ୍କର ପ୍ରତିନିଧି ଭାବେ ଅତିରିକ୍ତ ଜିଲାପାଳ କ୍ୟାଡ୍‌ର ଅଧିକାରୀ ରହିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ନଦୀରୁ ବେଆଇନ ଭାବରେ ମେଶିନ ଲଗାଇ ଖାତା (ଖାତା ନଂ ୩୫୨, ପ୍ଲଟ ନମ୍ବର ୧୨୯୭/୧) ୧୧.୫୦ ଏକର ପରିମିତ ବା ୪.୬୫୪ ହେକ୍ଟର ଜମିରେ ବେଆଇନ ବାଲି ଖନନ କରି ଚାଲାଣ ହେଉଥିବା ନେଇ ଦେଓଗାଁର ତାପସ କୁମାର ବଳଙ୍କ ଅଭିଯୋଗ କରିଥିଲେ। କେନ୍ଦୁଝର ଜିଲାର ଘଷିପୁରା ତହସିଲର କେଶଦୁରାପାଳ ଆର୍‌ଆଇ ସେକ୍ସନର କୋଚିଆନାଣ୍ଡି ଗ୍ରାମ ଓ ଯାଜପୁର ଜିଲାର ଦାନଗଦି ତହସିଲର ବାଙ୍ଗରକୋଟା ମୌଜାରୁ ବାଲି ଖନନ ଚାଲିଛି। ତେବେ ୫୦ରୁ ଊର୍ଦ୍ଧ୍ୱ ହାଇୱାରେ ପ୍ରତ୍ୟେକ ଦିନ ପାଖାପାଖି ୧୦୦୦ କ୍ୟୁବିକ ମିଟର ବାଲି (ପ୍ରତ୍ୟେକ ହାଇୱାରେ ୨୨ କ୍ୟୁବିକ ମିଟର) ଚାଲାଣ ହେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏତେ ପରିମାଣରେ ବାଲି ଖନନ ଓ ପରିବହନ ହେଉଥିବାରୁ ଏହାର କୁପ୍ରଭାବ ପରିବେଶ ଓ ଲୋକଙ୍କ ଉପରେ ପଡୁଥିବା ଅଭିଯୋଗ ହୋଇଥିଲା। ୯ ଅଗଷ୍ଟ ୨୦୨୩ ରୁ ୮ସେପ୍ଟେମ୍ବର ୨୦୨୩ ମଧ୍ୟରେ କୁଶେଇ ବାଲି ଖଣିରୁ ୯୬୦ ଟ୍ରକ୍ ବାଲି ପରିବହନ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗ କ୍ରମେ ଏନ୍‌ଜିଟି ଦରଖାସ୍ତ (ନଂ. ୨/୨୦୨୪)ରେ ମାମଲା ଗ୍ରହଣ କରି କମିଟି ଗଠନ ସହ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆଦେଶ କରିଛନ୍ତି। ଏହି ଆଦେଶ ଏନ୍‌ଜିଟିର ବି ଅମିତ ସ୍ଥାଲରକର ଓ ଡ. ଅରୁଣ କୁମାର ବର୍ମାଙ୍କ ବେଞ୍ଚ କରିଥିବା ବେଳେ ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାର ନୋଡାଲ ଏଜେନ୍ସି ଭାବରେ ତଦନ୍ତ ପାଇଁ ସବୁ ପ୍ରକାର ସହାୟତା କରିବ।

# ସାରଡାଙ୍ଗ ସମିତିସଭ୍ୟା ପଦବୀ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

ଖଇରା, ୨୪।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତରେ ଖାଲି ପଡିଥିବା ସମିତିସଭ୍ୟା ପଦବୀରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ଜିଲାପାଳ ଓ ଉପଜିଲାପାଳମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ ରାଜ୍ୟରେ ବିଭିନ୍ନ ପଞ୍ଚାୟତରେ ଖାଲିପଡିଥିବା ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟାସଭ୍ୟ ନିର୍ବାଚନ ପାଇଁ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ଜାନୁଆରୀ ୧୭ରୁ ଆରମ୍ଭ ହୋଇ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଫେବୃଆରୀ ୨୨ତାରିଖରେ ସଂଶୋଧିତ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସାରଡାଙ୍ଗ ପଞ୍ଚାୟତରେ ରାଜନୈତିକ ଉଷ୍ମତା ବଢିଯାଇଛି ।

# ଇଭିଏମ୍‌ରେ ଭୋଟଦାନ ପ୍ରଶିକ୍ଷଣ

ଡେଙ୍ଗିକୋଟ,୨୪।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକ୍ ଡେଙ୍ଗିକୋଟ ପଞ୍ଚାୟତ ଡେଙ୍ଗିକୋଟ୍‌ର ବୁଥ୍ ନଂ- ୫୭ ଓ ୫୮ରେ ଶନିବାର ଭୋଟରମାନଙ୍କୁ ଇଭିଏମ ଭୋଟ ଦେବା ମେସିନରେ କିଭଳି ଭୋଟ ଦେବେ ସେ ନେଇ ପ୍ରଶିକ୍ଷଣ ଓ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଡେଙ୍ଗିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକ୍ଟର ଅଫିସର ଭାବେ ପ୍ରଶ୍ନ ପଣ୍ଡା, ଧରଣୀଧର ମହାନ୍ତ, ମନୋଜ ସେଠୀ ଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଅରୁଣ ସେଠୀ ଉପସ୍ଥିତ ରହି ସହାୟତା କରିଥିଲେ। ବିଏଲଓ ସୁପରଭାଇଜର ସଚ୍ଚିଦାନନ୍ଦ ପ୍ରଧାନ, ସୁରଭି ବେହେରା, ବିରଞ୍ଚି ନାରାୟଣ ବେହେରା, ରେବତୀ ନାଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାରଣା ଆଦି ଶତାଧିକ ଭୋଟର ପ୍ରଶିକ୍ଷଣ ନେଇଛନ୍ତି।



ଲୋକଙ୍କୁ ଭୋଟଦାନ ପ୍ରଶିକ୍ଷଣ ଦିଆଯାଉଛି।

# ବ୍ଲକ୍‌ସ୍ତରୀୟ ଶିବିରରେ ୧୭୪ ଦିବ୍ୟାଙ୍ଗ ଚିହ୍ନଟ

ବନ୍ତ,୨୪।୧(ହରି ନାରାୟଣ ମହାନ୍ତି)


ପରୀକ୍ଷା କରାଇବା ପାଇଁ ଦିବ୍ୟାଙ୍ଗମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକ୍ ନିଳୋକ ପଞ୍ଚାୟତ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୪ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ସେଥି ମଧ୍ୟରେ ଶାରୀରିକ ଦିବ୍ୟାଙ୍ଗ ୪୧, ମାନସିକ ୬୪, ଶ୍ରବଣ ବାଧିତ ୨୮, ଦୃଷ୍ଟି ବାଧିତ ୩୪ ଓ ୧୪ ବର୍ଷ ପର୍ଯ୍ୟନ୍ତ ୭ ସ୍କୁଲ ପିଲା ଅନ୍ତର୍ଭୁକ୍ତ ଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଡିଏସ୍‌ଏସ୍‌ଓ ପବିତ୍ର ଦାସ, ବିଡିଓ ପ୍ରଦୀପ ସେଠୀ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ତଥା ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ଡା. ଏସ୍‌ଅଲ୍ଲୀ, ଡା. ଅମୂଲ୍ୟ ଦାସ, ଡା. ସନ୍ତୋଷ ସିଂହ, ଡା. ଜ୍ୟୋତି ରଞ୍ଜନ ଦାଶ, ଡା.ବୈଦ୍ୟନାଥ ଓଝା ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିବା ବେଳେ ଅଫିସ ଆସିଷ୍ଟାଣ୍ଟ ଜ୍ଞାନ ରଞ୍ଜନ ବେହେରା, ଅଡିଓଲୋଜିଷ୍ଟ ଶ୍ରୀକାନ୍ତ ପ୍ରଧାନ, ସାଇକୋଲୋଜିଷ୍ଟ ସ୍ୱାଧୀନ ମୁଦୁଲି ସହଯୋଗ କରିଥିଲେ। ବି.ଏସ୍.ଏସ୍.ଓ ପ୍ରକାଶ ସାହୁ, ଜୁନିୟର ଆସିଷ୍ଟାଣ୍ଟ ପଦ୍ମିନୀ ସିଂ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲକିପ୍ରଭା ଜେନା, ପିଇଓ ନିଶାକର ଖୁଣ୍ଟିଆ, ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବଟକୃଷ୍ଣ ମହାନ୍ତି, ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତିଙ୍କ ସମେତ ସମସ୍ତ ପିଇଓ, ଜିଆରଏସ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ସକାଳ ଠାରୁ କୋହଲା ପାଗ ସାଙ୍ଗକୁ ଝିପ୍‌ଝିପ୍ ବର୍ଷା ସତ୍ତ୍ୱେ ଶିବିରରେ ବହୁ ଦିବ୍ୟାଙ୍ଗମାନେ ଆସିଥିବାର ଦେଖାଯାଇଥିଲା ।

# ରାଇକଳା-ମେଡିକାଲ କଲେଜ ରାସ୍ତା ଶୋଚନୀୟ

କେନ୍ଦୁଝର,୨୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, କାର୍ଯ୍ୟ ଆରମ୍ଭ ଦାବି**

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ରାଇକଳାଠାରୁ ସେଣ୍ଟକାପ ଦେଇ ଧରଣୀଧର ମେଡିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ରାସ୍ତାର କେମ୍ପସଡ଼ା-କୁଶପଦା-ରଜାବନ୍ଧ ପାଖରେ ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ସଦର ବ୍ଲକ୍ ଅଧିବାସୀଙ୍କ ପାଇଁ ଉକ୍ତ ରାସ୍ତା ଜୀବନ ରେଖା ସଦୃଶ ହୋଇଥିବା ବେଳେ ମରାମତି ହେଉ ନ ଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି।

ସୂଚନା ଅନୁଯାୟୀ, ରାସ୍ତାଟି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ଥିବାବେଳେ ରଜାବନ୍ଧ ହୁଡ଼ାଟି କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀନରେ ରହିଛି। ଦୁଇ ବିଭାଗ ଅଧୀନରେ ଥାଇ ମଧ୍ୟ ଦୀର୍ଘ ବର୍ଷ ଧରି ରାସ୍ତା ମରାମତି ହେଉନାହିଁ। ରଜାବନ୍ଧ ହୁଡ଼ା ଉପରେ ପାଞ୍ଚ ଶହ ମିଟର ରାସ୍ତାର ଉଭୟ ପାର୍ଶ୍ୱ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅଣଓସାରିଆ ରାସ୍ତା ସହ ଗୋଟିଏ ପାଖ ୧୦ ଫୁଟ ପାଣି ଏବଂ ଅନ୍ୟ ପଟ ପ୍ରାୟ ୨୫ ଫୁଟ ତଳେ ଖାଲ ଜମି ରହିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ କାଦୁଅ ପଚପଚ ହେବା ସହ ଆଣ୍ଠୁଏ ଲେଖାଏ ଖାଲ ସୃଷ୍ଟି ହୋଇ ବିପଦ ସୃଷ୍ଟି କରୁଛି। ଫଳରେ ବହୁ ସମୟରେ ଗାଡ଼ି ଖସି ବିଲ ଓ ବନ୍ଧ ମଧ୍ୟକୁ ଚାଲିଯାଉଛି। ଏହି ରାସ୍ତା ଦେଇ ଉଭୟ ଝୁମ୍ପୁରା ଓ ସଦର ବ୍ଲକ୍‌ର ରାଇକଳା, ହାଣ୍ଡିଭଙ୍ଗା, କାଉଁରିକଳା, ଗୋବର୍ଦ୍ଧନ, ଶଙ୍କିରୀ, ବାଉରିପଦା, ବୋଦାପୋଳଶା ଆଦି ପଞ୍ଚାୟତର ବହୁ ଗ୍ରାମର ଲୋକେ, ଚାଷୀ, ଛାତ୍ରୀଛାତ୍ର କଲେଜ, ବଜାର, ରେଳଷ୍ଟେସନ, ମେଡିକାଲ ଆଦି ବିଭିନ୍ନ କାମରେ ଜିଲା ସଦର ମହକୁମା କେନ୍ଦୁଝର ସହରକୁ ଯାଇଥାନ୍ତି। ସାମାନ୍ୟ ବର୍ଷା ହେଲେ ପାଞ୍ଚ ଶହ ମିଟର ରାସ୍ତା ପାଇଁ ଲୋକଙ୍କୁ ୭ କିଲୋମିଟର ବୁଲିକି ଯିବାକୁ ପଡୁଛି। କେମ୍ପସଡାବାସୀ ପଞ୍ଚାୟତକୁ ପିଡ଼ିଏସ ସାମଗ୍ରୀ ଆଣିବାକୁ ଯିବା ପାଇଁ ହେଲେ ସମାନ ଦଶା ଭୋଗୁଛନ୍ତି। ଉକ୍ତ ରାଇକଳା (ଢିପାସାହି)ଠାରୁ କବିତ୍ରା ମେଡିକାଲ କଲେଜ ରାସ୍ତାର ଉନ୍ନତୀ କରଣ ପାଇଁ ଜିଲାର ବିଭିନ୍ନ ସଂଗଠନ ଜିଲା ପ୍ରଶାସନ ନିକଟରେ ପୂର୍ବରୁ ଅଭିଯୋଗ କରାଯିବା ସହିତ ଜନ ପ୍ରତିନିଧିଙ୍କ ଦ୍ୱାରା ମଧ୍ୟ ଦାବି ହେଉଥିବା ବେଳେ କୌଣସି ଫଳ ମିଳୁନାହିଁ। ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ତୁରନ୍ତ କାମ ଆରମ୍ଭ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ ବେହେରା, ଉପସଭାପତି ଜୟକୃଷ୍ଣ ନାଏକ, ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ସାମାଜିକକର୍ମୀ ତୁଳସୀ ପାତ୍ର, ସରୋଜ ସାହୁ, ଜଗଦୀଶ ଆପଟ୍ଟ, ହାଡ଼ିବନ୍ଧୁ ନାଏକ, ଶମ୍ଭୁନାଥ ନାଏକ ଓ ବିଭିନ୍ନ ସଂଗଠନ ତରଫରୁ ଦାବି କରାଯାଇଛି।



**ବେଆଇନ ଗଞ୍ଜେଇ ବ୍ୟବସାୟୀ ଗିରଫ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଦୁବେଇପେଣ୍ଠ ଗାଁରୁ ବୁଧବାର ପାଟଣା ଅବକାରୀ ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଗଞ୍ଜେଇ ବ୍ୟବସାୟୀ ଜଣକ ହେଲେ ସାହାରପଡ଼ା ବ୍ଲକ୍ ଦୁବେଇ ପେଣ୍ଠ ଗ୍ରାମର ଭରଦ୍ୱାଜ ଖଟୁଆ। ତାଙ୍କଠାରୁ ୧ କି.ଗ୍ରା. ୩ ଶହ ଗ୍ରାମର ବେଆଇନ ଗଞ୍ଜେଇ ଜବତ ହୋଇଛି। ପାଟଣା ଅବକାରୀ ଅଧିକାରୀ ପ୍ରୀୟମ୍ବଦା ଓଝାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

## ସଂକ୍ଷେପରେ

### ଗଛ ପଡ଼ି ସ୍କୁଟି ଆରୋହୀଙ୍କ ଗୋଡ଼ ଭାଙ୍ଗିଲା

ଘଟଗାଁ,୨୪ା୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ହାଟ ଛକ ନିକଟରେ ଥିବା ବାସନ୍ତୀ ଶପିଂ ମଲ୍ଲ ସମ୍ମୁଖରେ ଥିବା କୃଷ୍ଣଚୂଡ଼ା ଗଛ ଭାଙ୍ଗି ଜଣେ ସ୍କୁଟି ଆରୋହୀଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଘଟଗାଁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତର ଜଣଙ୍କ ମା' ତାରିଣୀ ମନ୍ଦିରର କର୍ମଚାରୀ ଗଗନ ବଳ ବୋଲି ଜଣାଯାଇଛି। ସେ କାର୍ଯ୍ୟ ସାରି ନିଜ ଘର ନାକଝରି ଗ୍ରାମକୁ ଫେରୁଥିଲେ। ତାଙ୍କ ଉପରେ ଗଛ ପଡ଼ିବାରୁ ମୁଣ୍ଡ ଓ ଛାତି ମାଡ଼ ହୋଇଥିବା ବେଳେ ଗୋଡ଼ ଭାଙ୍ଗିଥିବା ଜଣାଯାଇଛି। ମା' ତାରିଣୀ ମନ୍ଦିର କର୍ମଚାରୀ ମାନେ ଡାକ୍ତରଖାନାରେ ପହଞ୍ଚି ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ।

### ୨୯ରୁ ଜଳେଶ୍ୱର ମହୋତ୍ସବ

ଜଳେଶ୍ୱର, ୨୪ା୧(ରବିନାରାୟଣ ପାତ୍ର)

୧୯ତମ ଜଳେଶ୍ୱର ମହୋତ୍ସବ ଆସନ୍ତା ୨୯ ତାରିଖରୁ ଫେବୃଆରୀ ୬ ତାରିଖ ଯାଏ ଅନୁଷ୍ଠିତ ହେବ। ଏନେଇ ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ସଭାପତି ଡ. ଅଜିତ୍ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ୨୬ତାରିଖରେ ପ୍ରତିବର୍ଷ ପରି ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ପରେଡ ଓ ଗଣଦୌଡ, ବିଭିନ୍ନ ଶୋଭାଯାତ୍ରା, ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହିତ ରାଜ୍ୟ ଓ ରାଜ୍ୟ ବାହାରର ବହୁ ବିଶିଷ୍ଟ ବକ୍ତାମାନେ ଯୋଗଦେବାର ସ୍ୱୀକୃତି ହୋଇଥିବା କୁହାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ସୁଶାନ୍ତ ଦାସ, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଶିଶିର ହୁଇ, ଦିଲୀପ ଗିରି, ସମୀର ପାତ୍ର, ଜିତାଂଶୁ ନନ୍ଦି, ଇଂ ରାମଚନ୍ଦ୍ର ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ଗୋବିନ୍ଦ ସାହୁ, ଗୋପାଳ ସାହୁ, ସୁବ୍ରତ ରଣା, ଉମେଶ ଚନ୍ଦ୍ର ସାହୁ ଓ ବଳିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଠିକାସଂସ୍ଥା ପକ୍ଷରୁ କ୍ଷତିପୂରଣ ପ୍ରତିଶ୍ରୁତି

**ମାଟି ଅତଡ଼ା ଧସି ୨ ଶ୍ରମିକ ମୃତ୍ୟୁ ଘଟଣା**

ଯୋଡ଼ା,୨୪ା୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କମାରଯୋଡ଼ା ତାରିଣୀ ଛକଠାରେ ଡ୍ରେନ୍ ନିର୍ମାଣ ପାଇଁ ମାଟି ଖୋଳା କାର୍ଯ୍ୟ ସମୟରେ ମାଟି ଅତଡ଼ା ଧସି ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଠିକାସଂସ୍ଥା ପକ୍ଷରୁ ପରିବାର ବର୍ଗଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏ ନେଇ ଯୋଡ଼ା ପୌରପାଳିକା ସଭା ଗୃହରେ ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ ମାଝୀ, ବଡ଼ବିଲ ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ, ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଫ୍ଲାଏ ଓଭର ନିର୍ମାଣକାରୀ ଠିକାସଂସ୍ଥା ଚେଭରକ୍ସର ଅଧିକାରୀ ଓ ମୃତକଙ୍କ ପରିବାର ଲୋକଙ୍କୁ ନେଇ ଆଲୋଚନା ବୈଠକ ବସିଥିଲା। ଠିକା ସଂସ୍ଥା ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ନଗଦ ରାଶି ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏଥି ସହିତ କମ୍ପାନୀ ପକ୍ଷରୁ ହୋଇଥିବା ଇନସ୍ୟୁରାନ୍ସ ମାଧ୍ୟମରେ ମୃତ ଶ୍ରମିକଙ୍କୁ ୬ ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ମିଳିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଓଡ଼ିଆ କଳା ସଂସ୍କୃତି ଇତିହାସକୁ ଉଜ୍ଜୀବିତ କରୁଛି 'ନୂଆ-ଓ'

ଭୋଗରାଇ, ୨୪ା୧(ପ୍ରଦୀପ ଦାସ)

ଓଡ଼ିଆ ଜାତିର ଅସ୍ମିତା ଓ କଳା ନୈପୁଣ୍ୟତା ଧୀରେ ଧୀରେ ହଜିଯାଉଥିବା ବେଳେ ଓଡିଶା ସରକାର 'ନୂଆ ଓ' ମାଧ୍ୟମରେ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ କରି ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରାଥମିକ ଅବସ୍ଥାରୁ କଳାସଂସ୍କୃତିକୁ ଉଜ୍ଜୀବିତ କରୁଛନ୍ତି ବୋଲି ବୁଧବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ନୂଆ ଓ ଓଡ଼ିଆ ସାହିତ୍ୟ ଓ କଳାସଂସ୍କୃତି ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି। ଅଧ୍ୟାପକ ବିଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ପରିଚାଳିତ ଅଧ୍ୟାପକ ପ୍ରଦୀପ କୁମାର ପରିଡା ଓ ଅଧ୍ୟାପକ ସୁକାନ୍ତ ଶେଖର ପାତ୍ର ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜବତ ଖଣିଜକୁ ମିଳୁନି ପରିବହନ ଅନୁମତି

**ନିଲାମ ପରେ ବି ପଡ଼ିରହିଛି ଲୁହାପଥର**

ଯୋଡ଼ା,୨୪ା୧(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଦୁଇଟି ରେଳ ସାଇଡିଂରୁ ଦାବିଦାର ନ ଥିବା ଲୁହାପଥରକୁ ଗତ ଡିସେମ୍ବରରେ ଖଣି ବିଭାଗ ଜବତ କରିଥିଲା। ଇତି ମଧ୍ୟରେ ତାହା ନିଲାମ ହୋଇସାରିଥିବା ବେଳେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ଖଣିଜଗୁଡ଼ିକର ପରିବହନ ଅନୁମତି ମିଳିପାରୁନାହିଁ। ଦକ୍ଷିଣ ପୂର୍ବ ରେଳ ପଥର ଚକ୍ରଧରପୁରସ୍ଥିତ ଡିଭିଜନ ଅନ୍ତର୍ଗତ ଏହି ଲେଳ ସାଇଡିଂ ଆସୁଥିବାରୁ ଜବତ ଖଣିଜର ଗଚ୍ଛିତ ଭଡ଼ା ଏବେ ଚକ୍ରଧରପୁରସ୍ଥିତି ଡିସିଏମ କାର୍ଯ୍ୟାଳୟ ଦାବି କରୁଛି। ଯାହାକି ଆଇନ ପରିସର ବହିର୍ଭୁତ ବୋଲି ଖଣି ବିଶେଷଜ୍ଞ ମତ ଦେଉଛନ୍ତି। ଅପରପକ୍ଷରେ ଖଣିଜ ନିଲାମୀର ଦେଢ଼ ମାସ ପରେ ବି ନିଲାମଧାରୀ ପରିବହନ କରିପାରୁ ନ ଥିବାରୁ ସରକାର ରାଜସ୍ୱ ହରାଉଛନ୍ତି।

ସୂଚନା ଅନୁଯାୟୀ, ଜୁରୁଡି ରେଳ ସାଇଡିଂର ଗୋଟିଏ ପ୍ଲାଟ୍‌ଫର୍ମରୁ ୧୩୨୪୩.୮୯୦ ମେଟ୍ରିକ୍ ଟନ ଓ ବାଂଶପାଣି ରେଳ ସାଇଡିଂର ଗୋଟିଏ ପ୍ଲାଟଫର୍ମରୁ ୩୯୮୧୮.୦୬୦ ମେଟ୍ରିକ ଟନ୍ ଦାବିଦାର ନ ଥିବା ଲୁହାପଥରକୁ ଖଣି ବିଭାଗ ଗତ ଡିସେମ୍ବରରେ ଜବତ କରିଥିଲା। ଏହା ପରେ ଉକ୍ତ ଲୁହାପଥରକୁ ଓଡ଼ିଶା ଖଣି ନିଗମ ମାଧ୍ୟମରେ ନିଲାମ କରାଯାଇଥିଲା। ଜୁରୁଡ଼ି ରେଳ ସାଇଡିଂରେ ଜବତ ଲୁହାପଥରକୁ ୫ କୋଟି ୮୧ ଲକ୍ଷ ଟଙ୍କା, ବାଂଶପାଣି ରେଳ ସାଇଡିଂ ରେଳ ସାଇଡିଂଠାରେ ଜବତ ଲୁହାପଥରକୁ ପ୍ରାୟ ୧୬ କୋଟି ଟଙ୍କାରେ ନିଲାମ କରାଯାଇଥିଲା। ନିଲାମ ନେଇଥିବା ବ୍ୟବସାୟୀମାନେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରୁ ପରିବହନ ଅନୁମୋଦନ ନେଇ ୨ ରେଳ ସାଇଡିଂରୁ ଲୁହାପଥରକୁ ପରିବହନ କରିବାକୁ ପ୍ରସ୍ତୁତ ହେଉ ଥିବା ବେଳେ ରେଳ ମନ୍ତ୍ରଣାଳୟ ପରିବହନ ଅନୁମତି ଦେଉନାହିଁ। ଏ ନେଇ ଖଣି ବିଭାଗ ଓ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ଶୀତଳଯୁଦ୍ଧ ଆରମ୍ଭ ହୋଇଛି। ଚୋରା ଖଣିଜ କାରବାରର ଏକ ମାଧ୍ୟମ ରେଳ ଦ୍ୱାରା ହୋଇଥାଏ ବୋଲି ଅତୀତରେ ନଜିର ରହିଛି। ୨୦୦୯ରୁ ୨୦୧୩ ମଧ୍ୟରେ ଅନେକ ଲକ୍ଷ ଟନ୍ ଦାବିଦାର ନ ଥିବା ଲୁହାପଥର ରେଳ ସାଇଡିଂରୁ ଜବତ ହୋଇଥିଲା। ସେତେବେଳେ ବହୁ ଅସାଧୁ ପରିବହନ ଠିକାଦାର, ରେଳ ଲୋଡିଂ ଠିକାଦାର ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ସେହି ଘଟଣା ଲୋକ ଲୋଚନରୁ ଲିଭି ନ ଥିବା ବେଳେ ପୁନଃ କିଛି ଅସାଧୁ ଲୋଡିଂ ଠିକାଦାର, ଅସାଧୁ କର୍ମଚାରୀ ରେଳ ସାଇଡିଂରେ ଜମା ଲୁହାପଥରକୁ ଲୋଡିଂ ବେଳେ ଖଣିଜ ନିଅଣ୍ଟ ହେଲେ ଜମା ଖଣିଜରୁ ଅସାଧୁ ଉପାୟରେ ଆଣି ରେଳ ରେକ୍‌ରେ ବୋଝେଇ କରି ଥାଆନ୍ତି ବୋଲି ଖଣି ବିଭାଗ ପକ୍ଷରୁ କୁହାଯାଇଛି।

ଏ ସଂକ୍ରାନ୍ତରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ରେଳ ମନ୍ତ୍ରଣାଳୟ ପରିବହନ ଅନୁମତି ଦେଉ ନ ଥିବାରୁ ସେ ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁରସ୍ଥିତ ରେଲୱେ କାର୍ଯ୍ୟାଳୟକୁ ୨୨ ଡିସେମ୍ବର ୨୦୨୩ରେ ଡିଭିଜୋନାଲ ରେଲୱେ ମ୍ୟାନେଜର(ଡିଆରଏମ)ଙ୍କୁ ଚିଠି ଲେଖିଥିଲେ। ତେବେ ଚିଠିର କୌଣସି ଉତ୍ତର ସେ ପାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ରେଲ୍‌ୱେର ଡମ୍ପ୍ ଆଣ୍ଡ ଲୋଡ୍ ପଲିସି ଅର୍ଥାତ୍ ଖଣିଜକୁ ଜମା ନ ରଖି ତୁରନ୍ତ ପରିବହନ ନିୟମ ରହିଥିବା ବେଳେ କେବଳ ଗୋଟିଏ ପ୍ଲାଟ୍‌ଫର୍ମରେ ଏତେ ପରିମାଣର ଲୁହାପଥର କିପରି ଜମା ରହିଲା, ଏ ନେଇ ସେ ରେଳ ମନ୍ତ୍ରଣାଳୟକୁ ପ୍ରଶ୍ନ କରିଛନ୍ତି। ଖଣିଜ ରଖିବା ପାଇଁ ଆବଶ୍ୟକ ଷ୍ଟୋରିଂ ଲାଇସେନ୍ସ ଖଣି ବିଭାଗ ପକ୍ଷରୁ ଦିଆଯାଇଥାଏ। ତାହା ମଧ୍ୟ ରେଳ ମନ୍ତ୍ରଣାଳୟ ପାଖରେ ନ ଥିବା ସେ ସୂଚନା ଦେଇଛନ୍ତି। ଷ୍ଟୋରିଂ ଲାଇସେନ୍ସ ନ ଥାଇ ଖଣିଜକୁ ଜମା ରଖିବା ନିୟମ ବିରୋଧ। ଏ ସଂକ୍ରାନ୍ତରେ ଖଣି ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଉପ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ରେଳ ସାଇଡିଂରେ ଥିବା ଲୁହାପଥରକୁ ପରିବହନ କରିବାକୁ ହେଲେ ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁରସ୍ଥିତ ଡିସିଏମ କାର୍ଯ୍ୟାଳୟ ପକ୍ଷରୁ ଗତ ୨ ତାରିଖରେ ନିଲାମ ନେଇଥିବା ବ୍ୟବସାୟୀ ସଂସ୍ଥା ଶୁଭମ ଟ୍ରେଡର୍ସକୁ ୱାର୍ଫେଜ ବାବଦକୁ ୬୯ କୋଟି ୭୯ ଲକ୍ଷ ୯୬ ହଜାର ୮ଶହ ଟଙ୍କା ଏବଂ ପ୍ରଫୁଲ୍ଲ ଏଣ୍ଟର୍ ପ୍ରାଇଜେସକୁ ୪୪ କୋଟି ୬୭ ଲକ୍ଷ ୨୯ ହଜାର ୪ଶହ ଟଙ୍କା ଜମା କରିବାକୁ ଚିଠି ଦ୍ୱାରା ଜଣାଇ ଦିଆଯାଇଥିବା ସୂଚନା ମିଳିଛି। ଏ ନେଇ ଚକ୍ରଧରପୁରସ୍ଥିତ ରେଳ ଡିଭିଜନର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

### ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ ଜେଲ

ଭଦ୍ରକ,୨୪ା୧(ସନାତନ ରାଉତ)

ଭଦ୍ରକ ଜିଲା ତଥା ଦୌରାଜଜ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ହତ୍ୟା ମାମଲାର ୩ ଅଭିଯୁକ୍ତ ତିହିଡ଼ି ଥାନା କୋହ୍ଲ ଗ୍ରାମର ଦେବେନ୍ଦ୍ର ପତି, ଇତିଶ୍ରୀ ପତି ଓ ବିଲବାମନ ବିନ୍ଧା ଗ୍ରାମର ଦେବେନ୍ଦ୍ର ପାଢ଼ୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ହତ୍ୟା ଷଡ଼ଯନ୍ତ୍ର ଓ ସହାୟତା କରିଥିବା ଅଭିଯୋଗରେ ଇତିଶ୍ରୀଙ୍କ ଅନ୍ୟ ୨ ଭାଇ ଦାମୋଦର ପାଢ଼ୀ ଓ ନାରାୟଣ ପାଢ଼ୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜାନୁଆରୀ ୨୫ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଇଚ୍ଛାପୁର ଗ୍ରାମର ମନୋଜ ସାହୁଙ୍କ ପୁଅ ପ୍ରସନ୍ନ (୨୪)ଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରସନ୍ନଙ୍କ ମା' ସବିତା ସାହୁଙ୍କ ଅଭିଯୋଗ କ୍ରମେ ତିହିଡି ଥାନାରେ ମାମଲା(ନଂ.୭୪/୨୦) ରୁଜୁ ହୋଇଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ କୁମାର ସାମଲ ମାମଲା ପରିଚାଳନା କରୁଥିଲେ।

## ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର



ବାଲେଶ୍ୱର, ୨୪ା୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତଥା ବାଲେଶ୍ୱର ଜିଲା ଜୁନିଅର ରେଡକ୍ରସ ସୋସାଇଟି ଦ୍ୱାରା ଆୟୋଜିତ ବାଲେଶ୍ୱର ଜିଲା ବିଦ୍ୟାଳୟ ସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ହେବାକୁ ଥିବା ଶିବିରରେ ଜିଲାର ୧୮୪ ସ୍କୁଲରୁ ୩୧୬ ବାଳକ ଜୁନିଅର, ୯୮ ବାଳିକା ଜୁନିଅରଙ୍କ ସହିତ ୧୦୯ ପୁରୁଷ କାଉନସିଲର, ୭୫ ମହିଳା କାଉନସିଲର, ୧୦ଜଣ ସାଧନକର୍ମୀ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ମୋଟ ପ୍ରାୟ ୬୫୩ ଜଣ ଅଂଶଗ୍ରହଣ କରିଛନ୍ତି।

ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିବା ସହିତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ରେମୁଣା ଅଧ୍ୟକ୍ଷା କଳ୍ପନା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରୀତୀତନୟା ଗିରି ଓ ଧରଣୀଧର ପାତ୍ର ଏବଂ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା ଯୋଗଦେଇ ଜୁନିଅରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯୁଗ୍ମ ସମ୍ପାଦକ ଓ ରାଜ୍ୟ ସାଧନକର୍ମୀ ବାମନ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜୁନିଅରମାନଙ୍କୁ ସୂଚନା ଦେଇଥିଲେ। ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ଜିଲା ସାଧନକର୍ମୀ ଚିତ୍ତରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।

## କୋର୍ଟ ଆଦେଶ କାର୍ଯ୍ୟକାରୀ କରୁନାହାନ୍ତି ଅତିରିକ୍ତ ଜିଲାପାଳ

**ଖଇରା ରାଜସ୍ୱ ନିରୀକ୍ଷକଙ୍କ ଆତ୍ମାହୁତି ଚେତାବନୀ**

ଖଇରା, ୨୪ା୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଖଇରା ରାଜସ୍ୱ ସର୍କଲର ନିରୀକ୍ଷକ ସୁବ୍ରତ କୁମାର ସିଂଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନ୍ୟାୟ ନ ଦେବା ପ୍ରତିବାଦରେ ଆସନ୍ତା ଜାନୁଆରୀ ୨୬ରେ କୌଣସି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ଏ ସମ୍ପର୍କରେ ସେ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

୨୦୧୫ ମସିହା ଏପ୍ରିଲ ୧୭ରେ ସେ ନୀଳଗିରି ତହସିଲର ସନ୍ତରାଗଡିଆରେ ରାଜସ୍ୱ ନିରୀକ୍ଷକ ପଦବୀରେ ଥିବା ବେଳେ ବଦଳି ଆଦେଶ ନ ମାନିବା ଅଭିଯୋଗରେ ତତ୍କାଳୀନ ତହସିଲଦାର ତାଙ୍କୁ ନିଲମ୍ବନ କରିଥିଲେ। ପ୍ରତିବାଦରେ ସିଂ ହାଇକୋର୍ଟରେ ଆଶ୍ରୟ ନେଇଥିଲେ।



ସୁବ୍ରତ କୁମାର ସିଂ

ହାଇକୋର୍ଟ ୨୦୨୩ ଜୁଲାଇ ୩ରେ ମାମଲା(୧୨୯୫/୧୮)ର ଶୁଣାଣି କରି ଉକ୍ତ ନିଲମ୍ବନ ଆଦେଶକୁ ବାତିଲ କରିବା ସହ ଅତିରିକ୍ତ ଜିଲାପାଳଙ୍କୁ ଉକ୍ତ ପ୍ରସଙ୍ଗରେ ଠିକ୍ ଭାବେ ବିଚାର କରି ଆଉଥରେ ନିର୍ଦ୍ଦେଶନାମା ଦେବା ପାଇଁ ଆଦେଶ ଦେଇଥିଲେ। ହେଲେ ୬ମାସ ଧରି ବାରମ୍ବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ତାଙ୍କୁ ନ୍ୟାୟ ମିଳିନାହିଁ । ଫଳରେ ୨୦୧୫ରୁ ପୁରୁଣା ବେତନ ହାରରେ ଦରମା ପାଉଛନ୍ତି । ଏଥିପାଇଁ ପରିବାର ପୋଷଣ ସମ୍ଭବ ହେଉନାହିଁ ଏବଂ ବହୁ ମାନସିକ ଚାପ ଦେଇ ସେ ଗତି କରୁଥିବା ସିଂ ଅଭିଯୋଗ କରିଛନ୍ତି। ନିକଟରେ ଏହି ଚାପରୁ ସିମୁଳିଆ ବିଡିଓ ଆତ୍ମହତ୍ୟା କରିଥିବା ବେଳେ ତାଙ୍କର ଏହି ଅଘଟଣ ପାଇଁ ମଧ୍ୟ ପ୍ରଶାସନ ଦାୟୀ ରହିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କୁ ଯୋଗାଯୋଗ କରାଯିବାରୁ ଏହି ମାମଲାର ଶୁଣାଣି ଶେଷ ହୋଇ କୋର୍ଟଙ୍କୁ ଅବଗତ କରାଯାଇଛି।

### ୬୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ୨ ଅଧିକାରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବିଶୋଇ(ଅମିତ ଦାସ),୨୪ା୧

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଦକ୍ଷତା ବିକାଶ ସଂଯୋଜକ ପ୍ରଦ୍ୟୁକ୍ତି ରଞ୍ଜନ ଭୂୟାଁ ଓ ବ୍ଲକ ପ୍ରକଳ୍ପ ପରିଚାଳକ ଲକ୍ଷ୍ମଣ ବିଶ୍ୱାଳ ୬୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା (ନଂ.୩/୨୪)ରୁଜୁ ହୋଇଛି। ସୂଚନାଯୋଗ୍ୟ, ମିଶନ ଶକ୍ତି ଅଧୀନରେ ଥିବା ଜଡିଆ ପଞ୍ଚାୟତ ଫେଡେରେସନ(ଜିପିଏଲ୍‌ଏଫ୍)ର ବିଶୋଇ ବ୍ଲକରେ ୬ଜଣ କମ୍ୟୁନିଟି ରିସର୍ସ ପର୍ଶନ କମ୍ କମ୍ୟୁନିଟି ମୋବିଲାଇଜର୍ସ ଏବଂ ଜଣେ ମାଷ୍ଟର ବୁକ୍ କିପର ନିଯୁକ୍ତି ବାବଦରେ ଅଧିକାରୀ ଦ୍ୱୟ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ । ଏହାକୁ ନେଇ ଜଡିଆ ଗ୍ରାମାଞ୍ଚଳସ୍ତରୀୟ ଫେଡେରେଶନର ସଭାପତି ଦେୱଳା କିସ୍କୁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଦେୱଳାଙ୍କଠାରୁ ଲାଞ୍ଚ ଟଙ୍କା ନେବା ପରେ ପ୍ରଦ୍ୟୁକ୍ତି ସମସ୍ତ ଟଙ୍କା ଗଣିଥିଲେ। ୩୦ହଜାର ଟଙ୍କା ନିଜ ପ୍ୟାଣ୍ଟ ପକେଟରେ ରଖି ଲକ୍ଷ୍ମଣଙ୍କୁ ଡାକି ଅବଶିଷ୍ଟ ଟଙ୍କା ଦେଇଥିଲେ। ଏହି ସମୟରେ ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରି ସମସ୍ତ ଟଙ୍କା ଜବତ କରିଥିଲେ। ପ୍ରଦ୍ୟୁକ୍ତିଙ୍କ କାଳିକାପୁର ବାସଭବନ ଓ ଲକ୍ଷ୍ମଣଙ୍କ ରାଜାପୋଖରୀସ୍ଥିତ ପୈତୃକ ଘର ଓ ବିଶୋଇସ୍ଥିତ ଭଡାଘରେ ଚଢ଼ାଉ ଜାରି ରହିଛି ।




ଗିରଫ ୨ ଅଧିକାରୀ।

### ଭୁବନେଶ୍ୱରରୁ ଦୀଘା ଲମ୍ବିଛି ଚୋରା ଗଞ୍ଜେଇ ଚେର

- ନାକାପଏଣ୍ଟରୁ ୬ କି.ଗ୍ରା. ଗଞ୍ଜେଇ ଜବତ
- ଜଣେ ଗିରଫ, ଜଣେ ଫେରାର

ଜଳେଶ୍ୱର, ୨୪ା୧(ରବିନାରାୟଣ ପାତ୍ର)

ପଶ୍ଚିମବଙ୍ଗରୁ ପ୍ରତିଦିନ ଓଡିଶାକୁ ବ୍ୟାପକ ମାଦକଦ୍ରବ୍ୟ ଚୋରାଚାଲାଣ ହୋଇଆସୁଥିବା ବେଳେ ଓଡିଶାରୁ ପ୍ରତିଦିନ ଚୋରା ଗଞ୍ଜେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ଗତ ମଙ୍ଗଳବାର ଦ୍ୱି ପ୍ରହର ସମୟରେ ଚନ୍ଦନେଶ୍ୱର ପଟୁ ୨ ଯୁବକ ଏକ ଟ୍ରଲି ସୁଟକେସ ଗଡେଇ ଦୀଘା ଅଭିମୁଖେ ଯାଉଥିବା ବେଳେ ନାକା ପଏଣ୍ଟରେ କାର୍ଯ୍ୟରତ ପୋଲିସ୍ ସନ୍ଦେହ ପ୍ରକଟ କରି ଯୁବକଙ୍କୁ ଅଟକାଇଥିଲେ। କିନ୍ତୁ ଯୁବକଦ୍ୱୟ ଦୌଡି ପଳାଇବାରୁ ପୋଲିସ ସେମାନଙ୍କ ପିଛା କରି ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଜଣେ ଚମ୍ପଟ ମାରିଛି । ସୁଟକେସ୍‌ରୁ ଗଞ୍ଜେଇ ଗନ୍ଧ ଆସୁଥିବାରୁ ନିକଟସ୍ଥ ମେରାଇନ୍ ଥାନାର ଆଇଆଇସି ଚମ୍ପାବତୀ ସରେନ୍‌ଙ୍କୁ ଖବର ଦେଇଥିଲେ । ସୁଟକେସ୍‌ର ୬କି.ଗ୍ରା ୧୨୫ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ଏକ ସ୍ମାଟଫୋନ ମିଳିଥିବାରୁ ସେଥିରୁ ବହୁ ତଥ୍ୟ ପୋଲିସକୁ ମିଳିଥିବା କୁହାଯାଇଛି । ଗିରଫ ହୋଇଥିବା ଯୁବକଙ୍କ ବୟସ ୨୦ ଓ ସେ ପଶ୍ଚିମବଙ୍ଗର ଦକ୍ଷିଣ-୨୪ ପ୍ରଗଣାର ମରାହାଟ ଥାନା ଆଉଲୁଡବେରିଆ ଗାଁର ବୋଲି ବୁଧବାର ଜଳେଶ୍ୱର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି। ଚମ୍ପଟ ମାରିଥିବା ଯୁବକ ସମ୍ପର୍କରେ ପୋଲିସ୍‌କୁ ବହୁ ତଥ୍ୟ ମିଳିଥିବାରୁ ଘଟଣା ସମ୍ପର୍କରେ ଛାନ୍‌ଭିନ କରାଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଆଇଆଇସି ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୩୦ହଜାର ବୋଲି ପୋଲିସ କହିଛି। ଯୁବକଦ୍ୱୟ ଭୁବନେଶ୍ୱରରୁ କିଣି ଦୀଘା ଅଞ୍ଚଳକୁ ବିକ୍ରି ଲାଗି ନେଉଥିଲେ ବୋଲି କହିଛନ୍ତି। ସେମାନଙ୍କ ନାମରେ ପଶ୍ଚିମବଙ୍ଗର ବିଭିନ୍ନ ଥାନାରେ ମାମଲା ଥିବା ପୋଲିସ୍ କହିଛି ।

### ଚନ୍ଦ୍ରଶେଖର ମହାଦେବଙ୍କ କ୍ଷୀରାଭିଷେକ ଉତ୍ସବ

ଚମ୍ପୁଆ,୨୪ା୧(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଚନ୍ଦ୍ରଶେଖର ମହାଦେବଙ୍କ କ୍ଷୀରାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପୌଷ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀରେ ଏହି ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ମହାଦେବଙ୍କୁ ପବିତ୍ର ଗାଇ କ୍ଷୀର ଦ୍ୱାରା ଅଭିଷେକ କରାଇଥିଲେ। କମିଟି ପକ୍ଷରୁ ନିର୍ଦ୍ଧାରିତ ସମୟ ସକାଳ ୯ ଘଟିକାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ପଡ଼ୋଶୀ ମୟୂରଭଞ୍ଜ ଓ ବିଭିନ୍ନ ସ୍ଥାନରୁ ଭକ୍ତ ମହାଦେବଙ୍କ ଉପରେ କ୍ଷୀର ଢାଳି ପୂଜାର୍ଚ୍ଚନା କରିବା ସହିତ ଅଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପୂଜକ ଅନୀଲ ମିଶ୍ର ଓ ଦିଲ୍ଲୀପ ନନ୍ଦ ପୂଜାର୍ଚ୍ଚନା କରିଥିବା ବେଳେ ଅଭୟ ଦାସ, ଅମିତାଭ ପ୍ରଧାନ, ନରେଶ ଲେଙ୍କା, ବିଶ୍ୱଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ୬ ବର୍ଷ ହେବ ମକର ସଂକ୍ରାନ୍ତୀ ପରେ ପଡୁଥିବା ଚତୁର୍ଦ୍ଦଶୀରେ ପ୍ରଭୁ ଚନ୍ଦ୍ରଶେଖର ମହାଦେବଙ୍କ ନିକଟରେ କ୍ଷୀରାଭିଷେକ କରାଯାଉଥିବା ବେଳେ ଏହା ଆଗାମୀ ଦିନରେ ଚାଲୁ ରହିବ ବୋଲି ପୂଜକ ମତ ଦେଇଛନ୍ତି।

## ଦ୍ୱାରଶୁଣୀ ଘାଟି ରାସ୍ତାକୁ ନେଇ ତେଜିଲା ଅସନ୍ତୋଷ

**୭ ଦିନ ମଧ୍ୟରେ ସମାଧାନ ନ ହେଲେ ରାସ୍ତାରୋକୋ**

ବାରିପଦା,୨୪ା୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟୀ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ବିଭିନ୍ନ ସଂଗଠନ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦାବି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଘାଟି ରାସ୍ତାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିମାନେ ଦୋଷ ଲଦାଲଦି ହେଉଛନ୍ତି। ୭ଦିନ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଆସନ୍ତା ଫେବୃଆରୀ ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଜିଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନାର ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି ଚେତାବନୀ ଦେଇଛନ୍ତି। ସେହିପରି ମରଣଯନ୍ତା ସାଜିଥିବା ଘାଟି ରାସ୍ତା ମରାମତି ନ ହେଲେ ମୟୂରଭଞ୍ଜ ଘରୋଇ ବସ୍ ଆସୋସିଏସନ ପକ୍ଷରୁ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ଆସୋସିଏସନର ସମ୍ପାଦକ ସୁନୀଲ କୁମାର ଦାଶ କହିଛନ୍ତି।

## ଶିଳାନ୍ୟାସ ଉତ୍ସବରେ ଶକ୍ତି ପ୍ରଦର୍ଶନ

**ବିଜେଡି-ଭାଜପା କର୍ମୀ ମୁହାଁମୁହିଁ**

ଧାମନଗର,୨୪ା୧(ଦେବେନ୍ଦ୍ର ଆନ୍ଦିଆ)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ରଣ କୌଶଳ ଆରମ୍ଭ କରି ଦେଇଛନ୍ତି। ଏବେ ଚାରିଆଡ଼େ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ବୁଧବାର ୨ ପ୍ରମୁଖ ରାଜନୈତିକ ଦଳ ଶକ୍ତି ପ୍ରଦର୍ଶନ କରିବା ସହ ଉଭୟ ଦଳର କର୍ମୀ ମୁହାଁମୁହିଁ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏ ପଟେ ଭାଜପା କର୍ମୀ ଜୟ ଶ୍ରୀରାମ ନାରା ଦେଇ ଦଳୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ପାଛୋଟି ନେଉଥିବା ବେଳେ ବିଜେଡି କର୍ମୀମାନେ ଜୟ ଜଗନ୍ନାଥ ଉଚ୍ଚାରଣ କରି ନିଜ ଦଳର ଏମ୍‌ପି ଓ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଦୁଇ ଦଳର କର୍ମୀ ମୁହାଁମୁହିଁ ଅବସ୍ଥାକୁ ଆସିଥିଲେ।

ସୂଚନା ଅନୁଯାୟୀ, ଧାମନଗର ବ୍ଲକର ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯାଇଛି। ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କେହି ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଶିଳାନ୍ୟାସ ଉତ୍ସବ ପାଇଁ ସତେ ଯେମିତି ପ୍ରତିଯୋଗିତା ପରିବେଶ ସୃଷ୍ଟି ହୋଇଥିଲା। ସବୁଆଡେ ବିଜେଡି ଓ ଭାଜପା କର୍ମୀମାନେ ମୁହାଁମୁହିଁ ହେବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନରେ ବୁଧବାର ଧାମନଗର ବ୍ଲକର ପନ୍ଦରବାଟିଆ-ଗାନ୍ଧୀଘାଟ-ସାଆଁଳପୁର ସଡ଼କ, ଓଲଟପୁର-ବାହାରବିଲ-ପଣ୍ଡାପାଟଣା ସଡକ, ହସନାବାଦ-ବାଲିପାଟଣା ସଡକ, କଣ୍ଟଦା- କୁଟୁରିଆ ସଡ଼କ ସମେତ ବାମଦେବପୁର ଏବଂ ଖଡ଼ିପଦା ପଞ୍ଚାୟତ ଭୋଲାନାଥ ବେହେରା ନାଳ ଉପରେ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଧୂଷୁରୀ ପନ୍ଦରବାଟିଆଠାରୁ ଆରମ୍ଭ ହୋଇଥିଲା। ଏଥିରେ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପି ଏବଂ ବିଧାୟକଙ୍କୁ ଶିଳାନ୍ୟାସ ଉତ୍ସବସ୍ଥଳକୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ପ୍ରତିଯୋଗିତା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଜା ବାଣ ଏବଂ ସ୍ଲୋଗାନରେ ଉଭୟ ଦଳର ସମର୍ଥକ ଯାଉଥିଲା ବେଳେ ଏକପ୍ରକାର ମୁକାବିଲା ସହ ପେଲା ଠେଲା ଦେଖିବାକୁ ମିଳିଥିଲା। ଏ ଅବସ୍ଥା ସବୁ ସ୍ଥାନରେ ପରିଲକ୍ଷିତ ହୋଇଥିଲା।

